ମାଟି ମହକ

ଡକ୍ଟର ଶରତ ଚନ୍ଦ୍ର ରଥ

Digitized by PPRACHIN, SOA

ମାଟି ମହକ

(ଦେଶପ୍ରୀତିର ଗୀତିଗୁଚ୍ଛ)

ଡକ୍‌ଟର ଶରତ ଚନ୍ଦ୍ର ରଥ
ଏମ୍.ଏ, ଏମ୍‌ଫିଲ, ପିଏଚ.ଡ଼ି.
ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର

Digitized by PPRACHIN, SOA

ମାଟି ମହକ

ଲେଖକ:

ଡକ୍ଟର ଶରତ ଚନ୍ଦ୍ର ରଥ

ପ୍ରକାଶକ :

ଭାରତୀୟ ସାହିତ୍ୟ କେନ୍ଦ୍ର

ଏଲ୍/୩୮୨, ବରମୁଣ୍ଡା ହାଉସିଂ କଲୋନୀ

ଭୁବନେଶ୍ୱର-୭୫୧୦୦୩

ପ୍ରଚ୍ଛଦ ଶିଳ୍ପୀ: ପ୍ରସନ୍ନ ଆଚାର୍ଯ୍ୟ

ପ୍ରକାଶ କାଳ

ପ୍ରଥମ ପ୍ରକାଶ- ଅଗଷ୍ଟ ୧୫, ୧୯୯୭ (ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ)

ପ୍ରାପ୍ତିସ୍ଥାନ

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବାଣୀବିହାର

ମୁଦ୍ରାକର : ସାହିତ୍ୟସିନ୍ଧୁ, ଭୁବନେଶ୍ୱର - ୩

ମୂଲ୍ୟ - ଟ. ୧୨.୦୦ (ବାରଟଙ୍କା ମାତ୍ର)

Mati Mahak

Written by . **Dr. Sarat Chandra Rath**

Publisher . **Bharatiya Sahitya Kendra, L/382, Baramunda Housing Colony, Bhubaneswar-751003**

D.T.P. & Printing : **Sahitya Sindhu, Bhubaneswar-3**

First Edition · **15th August, 1997**

Price : **Rs 12.00 (Twelve rupees Only)**

Digitized by PPRACHIN, SOA

ଶ୍ରୀମା' ଶ୍ରୀ ଅରବିନ୍ଦଙ୍କ ଚରଣରେ ସଭକ୍ତି ପ୍ରଣାମ ପୂର୍ବକ ସମର୍ପଣ କରି ବୋଉ ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ ଅର୍ପଣ କଲି ।

ବିନୀତ

ଶରତ

Digitized by PPRACHIN, SOA

ଆଗରୁ ଦି' ପଦ

ଆଜି ସ୍ୱାଧୀନ ଭାରତର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସର୍ବତ୍ର ପାଳିତ ହେଉଛି । ଗଗନ ପବନରେ ପୁଲକର ଜୁଆର, ଦିଗଦିଗନ୍ତରେ ଆନନ୍ଦର ଅଭିଷେକ । ନୀଳ ସାଗର ନାଚି ନାଚି ଗାଉଛି ସୁବର୍ଣ୍ଣ ଜୟନ୍ତୀର ଜୟଗୀତି । ବନଲତାରେ ନାନା ରଙ୍ଗର ଥୋପା ଥୋପା ଫୁଲ ଫୁଟି ସୁଷମାର ମଧୁକୁଞ୍ଜ ରଚନା କରୁଛନ୍ତି । ନଦୀଧାରାରେ ପ୍ରବହମାନତା ପ୍ରକଟିତ । ପବନ ପ୍ରବାହରେ ଶୁଭୁଛି ପବିତ୍ର ବେଦ ଧ୍ୱନି । ଆଜି ଉଷାର ମଧୁର ମୋହନ ବେଶରେ ଫୁଟିଉଠିଛି ନବରାଗ । ଦିବ୍ୟଭୁବନରୁ ସମାଚାର ସୁଧା ସତେ ଅବା ଅରୁଣିମା ଛଳରେ ବିଞ୍ଛି ହୋଇ ପଡୁଛି । ଶାନ୍ତସକାଳର ଶୀତଳ ପବନରେ ଲହରାୟିତ ଶାନ୍ତି, ପ୍ରୀତି ଓ ମୈତ୍ରୀର ପ୍ରତୀକ ଆମ ଜାତୀୟ ଜୀବନର ପ୍ରାଣକେନ୍ଦ୍ର ତ୍ରିରଙ୍ଗପତାକା । ହିମଶିଖର ହିମାଚଳ ଠାରୁ ସାଗର ସେବିତ କନ୍ୟାକୁମାରୀ ପର୍ଯ୍ୟନ୍ତ ଅପୂର୍ବ ଉନ୍ମାଦନା ମୂର୍ତ୍ତିମନ୍ତ । ପ୍ରତିଟି ଧୂଳି କଣାରେ ଭରି ଯାଉଛି କେତେ ସ୍ୱର୍ଣ୍ଣକାତରତା, ତା'ର ତୁଳନା ନାହିଁ । ଭାରତ ମାତାଙ୍କର ନିରାଜନା ପାଇଁ ମାଟି, ଗୋଡ଼ି, ପାଣି ଓ ପବନ ତରୁଲତା ସମସ୍ତେ ଗଭୀର ଆନ୍ତରିକତାରେ ଉନ୍ମୁଖ ।

ଏ ଶୋଭା-ସୁନ୍ଦର ପରିବେଶ ଅନିର୍ବଚନୀୟ । ଏ ଭାରତ ମାଟି, ଗୋଡ଼ି, ବାଲି ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ । ଏହା ଭିତରେ ଅସୀମ ଶକ୍ତି ଭରିରହିଛି । ସେହି ଶକ୍ତିବଳରେ ସୁଦୂର ଅତୀତରୁ ଅଦ୍ୟାବଧି ବହୁ ବାଧାବିଘ୍ନ ସତ୍ତ୍ୱେ ଏ ସଂସ୍କୃତି ବଞ୍ଚି ରହିଛି । କେବଳ ନିଜ ପାଇଁ ନୁହେଁ ସମଗ୍ର ଜଗତ ପାଇଁ ବଞ୍ଚି ରହିଛି । ଭାରତ ହେବ ଆଗାମୀ ଦିନରେ ସାରା ବିଶ୍ୱର ଗୁରୁ, ଏ କଥା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁମନୀଷୀ ଉଦ୍‌ଘୋଷଣା କରଛନ୍ତି । ସେମାନଙ୍କ ମଧ୍ୟରେ ମହାଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ଶ୍ରୀମା, ଶ୍ରୀମତୀ ବୋରିସ୍କା, ନୋଷ୍ଟ୍ରାଡମସ୍, ହରାର, ଭଗିନୀ ନିବେଦିତା ଓ ମାକସ୍‌ମୁଲର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । 'ଭା' ଅର୍ଥ ଦୀପ୍ତି, ଏହି ଦୀପ୍ତି ତ୍ୟାଗ, ତପସ୍ୟା, ଦୟା, କ୍ଷମା, ସ୍ନେହ ଓ ମମତା, ସର୍ବୋପରି ମାନବିକତାର । ଅନ୍ୟର ସୁଖରେ ସୁଖୀହେବା ଅନ୍ୟର ଦୁଃଖରେ ଦୁଃଖୀ ହେବା ଏ ମାଟିର ବିଶେଷତ୍ୱ । ତେଣୁ ତ 'ବର୍ଷାଣା ଭାରତଃ ଶ୍ରେଷ୍ଠଃ' ଉକ୍ତି ସାର୍ଥକ ଓ ଯୁକ୍ତିଯୁକ୍ତ ।'

Digitized by PPRACHIN, SOA

ଭକ୍ତିର ମନ୍ଦାକିନୀ ଧାରାରେ ସିକ୍ତ ହୋଇ ଏ ମାଟି ପବିତ୍ର, ପ୍ରୀତିର ଯମୁନା ଜଳରେ ଅଭିଷିକ୍ତ ହୋଇ ଏ ମନ ମଧୁର । ସ୍ନେହ ସଦିଚ୍ଛାର ଧୁପବାସରେ ଏ ପରିବେଶ ସୁରଭିତ । ତରୁଲତା ଯେଉଁଠି ସାଧନାରତ, ପାହାଡ଼ ପର୍ବତ ଯେଉଁଠି ଧ୍ୟାନ ମଗ୍ନ ଓ ଯୋଗଯୁକ୍ତ, ସାଗର ଯେଉଁଠି ବିଶ୍ୱ ପ୍ରେମର ସଂଗୀତରେ ମୁଖରିତ, ଫୁଲ ଯେଉଁଠି ଦେବତାର ପୂଜାଫୁଲ ସେହି ଦେଶର ସନ୍ତାନ ହେବା କମ୍ ସୌଭାଗ୍ୟର କଥା ନୁହେଁ । ଦେଶ ମାତୃକାର ଅଶେଷ ଆଦର ଯତ୍ନ ପାଇଁ ଆମେ ତା ନିକଟରେ ଋଣୀ । ସେ ଋଣ କାଳେ କାଳେ ଅଶୁଝା । ସେହି ଋଣକୁ ଆଉ ଥରେ ସ୍ୱୀକାର କରି ଭାରତ ଜନନୀଙ୍କ ପାଦତଳେ ପ୍ରଣାମ ଜଣାଉଛି । ଏହି ସଂକଳନରେ ଥିବା ପ୍ରତ୍ୟେକ ଦେଶବନ୍ଦନା ସେହି ସ୍ୱୀକାରୋକ୍ତିର ଏକ ଏକ ଧ୍ୱନି ମାତ୍ର । ଏ ରୂପାୟଣ ଅପୂର୍ଣ୍ଣ । ଏପରି ମହୀୟସୀ ଦେଶମାତୃକାର ବନ୍ଦନା ଯିଏ ଲେଖିଲେ ବି ଯେତେଲେଖିଲେ ବି ତାହା ଅପୂର୍ଣ୍ଣ ରହିବ । ସେ ତ ଭୂମି ମାତ୍ର ନୁହନ୍ତି , ସେ ଏକ ଦିବ୍ୟ ଶକ୍ତି, ତାଙ୍କ ମହିମା ଗାଇବା ପାଇଁ ଭାଷା ଅପହଞ୍ଚ ହେବ ।

ଆଜି ମହାଯୋଗୀ ଶ୍ରୀଅରବିନ୍ଦଙ୍କର ପବିତ୍ର ଜନ୍ମବାସର, ୧୨୫ତମ ଜନ୍ମ ଜୟନ୍ତୀ ଦିବସ । ୧୮୭୨ ମସିହାର ଅଗଷ୍ଟ ୧୫ ତାରିଖରେ ସେ ଜନ୍ମ ନେଇଥିଲେ ଭାରତ ମାଟିରେ । ଭାରତକୁ ସେ ଜୀବନ୍ତ ଦେବୀ, ଜାଗ୍ରତ ଚେତନା ଭାବରେ ଉପଲବ୍ଧି କରିଥିଲେ । ପାଶ୍ଚାତ୍ୟର ମୋହ ତାଙ୍କୁ ବାନ୍ଧି ପାରିନଥିଲା । ଦେଶର ଆକର୍ଷଣରେ ଆକୃଷ୍ଟ ହୋଇ ସେ ଜନ୍ମଭୂମିକୁ ଆସି ପରାଧୀନା ଭାରତର ଯନ୍ତ୍ରଣାଜର୍ଜରିତ ମଳିନମୁଖ ଦେଖି ମର୍ମାହତ ହେଲେ । ଦେଶକୁ ସ୍ୱାଧୀନ କରିବାର ଦୃଢ଼ସଂକଳ୍ପ ନେଇ ବଳିଷ୍ଠ ଉଦ୍ୟମ ଆରମ୍ଭ କରିଥିଲେ । ଏଥି ପାଇଁ କ୍ଷାତ୍ରତେଜ ସହିତ ବ୍ରହ୍ମତେଜର ମଧ୍ୟ ସେ ପ୍ରୟୋଗ କରିଥିଲେ । ତାଙ୍କ ସ୍ତ୍ରୀ ମୃଣାଳିନୀ ଦେବୀଙ୍କ ପାଖକୁ ଲେଖିଥିବା ଚିଠିରେ ସେ ଲେଖିଥିଲେ, ''ଅନ୍ୟମାନେ ସ୍ୱଦେଶକୁ ଜଡ଼ ପଦାର୍ଥ, କେତେବିଲ, ବଣ, ନଦୀ ପର୍ବତର ସମନ୍ୱୟ ବୋଲି ଭାବନ୍ତି, ମୁଁ ସ୍ୱଦେଶକୁ ମା' ବୋଲି ଜାଣେ, ଭକ୍ତିକରେ, ପୂଜାକରେ । ଯଦି ଗୋଟିଏ ରାକ୍ଷସ ମା'ର ଛାତି ଉପରେ ବସି ରକ୍ତ ପାନ କରିବାକୁ ଉଦ୍ୟତ ହୁଏ, ତା ହେଲେ ସନ୍ତାନ କ'ଣ କରେ ? ନିଶ୍ଚିତ ମନରେ ଆହାର କରେ, ସ୍ତ୍ରୀ ପୁତ୍ର ନେଇ ଆମୋଦ କରେ ନା ମା'କୁ ଉଦ୍ଧାର କରିବା ପାଇଁ ଦୌଡ଼ିଯାଏ ।''ଶ୍ରୀ ଅରବିନ୍ଦଙ୍କ ଜନ୍ମ

Digitized by PPRACHIN, SOA

ଦିବସରେ ଭାରତର ସ୍ୱାଧୀନତା ପ୍ରାପ୍ତି ଏକ କାକତାଳୀୟ ନ୍ୟାୟ ନୁହେଁ ବରଂ ତାଙ୍କ ଜନ୍ମ ଦିନରେ ଏହା ତାଙ୍କୁ ଭଗବାନଙ୍କର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଉପହାର । ନିଜସ୍ୱ ସାଧନାବଳରେ ସେ ଅତିମାନସର ମହାଶକ୍ତିକୁ ନିମ୍ନଭୂମିକୁ ଅବତରଣ କରାଇଲେ । ସେହି ଅତିମାନସ ଶକ୍ତିର କ୍ରିୟା ବଳରେ ଏ ପୃଥିବୀ ହେବ ସ୍ୱର୍ଗ, ମାନବ ହେବ ଅତିମାନବ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମନ୍ୱିତ ଚେତନାରେ ଏକାକାର ହେବ । ଜୀବନ ହେବ ଭଗବାନଙ୍କୁ ଆବିଷ୍କାର, ଉପଲବ୍ଧି ଓ ଅଭିବ୍ୟକ୍ତି ପାଇଁ ଏକ ବିମୁକ୍ତ କ୍ଷେତ୍ର । ଆଗାମୀ ଦିନରେ ଭାରତବର୍ଷ ସମଗ୍ର ବିଶ୍ୱକୁ ଏ ଦିଗରେ ଦିଗ୍‌ଦର୍ଶନ ଦେବ । ଶ୍ରୀଅରବିନ୍ଦ କେବଳ ଅଧ୍ୟାତ୍ମସାଧକ ତଥା ଅତିମାନସର ସାଧକ ନଥିଲେ, ଏହାସହିତ ସେ ଥିଲେ ମହାନ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଶିକ୍ଷାବିତ୍, ଉଚ୍ଚକୋଟୀର ଦିଗ୍‌ଦ୍ରଷ୍ଟା । ଆଜି ଏଇ ଶୁଭ ଅବସରରେ ତାଙ୍କୁ ନମ୍ର ପ୍ରଣାମ ଜଣାଉଛି । ପ୍ରଣାମ ଜଣାଉଛି ଏଇ ଅବକାଶରେ ଯୁଗ ପୁରୁଷ ମହାତ୍ମା ଗାନ୍ଧି, ଜବାହରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ, ବାଳ ଗଙ୍ଗାଧର ତିଳକ, ବିପିନ ଚନ୍ଦ୍ରପାଲ, ସର୍ଦ୍ଦାର ପଟେଲ, ଭଗତ ସିଂ, ଶହୀଦ ଲକ୍ଷ୍ମଣ ନାୟକ ଏବଂ ଅନେକ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ।

ପୁସ୍ତକଟିରେ ସନ୍ନିବେଶିତ ପ୍ରତ୍ୟେକ ଲେଖା ଗାନଧର୍ମୀ । ପ୍ରତ୍ୟେକ ଗୀତି କବିତା ଗୋଟିଏ ଗୋଟିଏ ପାଖୁଡା, କେତେକ ପାଖୁଡାର ସମଷ୍ଟିରେ ଗଠିତ ଏ ସଂକଳନଟି ଭାରତ ଜନନୀଙ୍କ ପାଦତଳେ ନିବେଦିତ ଏକ ପୂଜାଫୁଲ । ଏ ପୂଜାଫୁଲର ଦିବ୍ୟସୁବାସ ପାଠକ ପ୍ରାଣକୁ ଭକ୍ତିମୁଗ୍ଧ କରୁ, ଏତିକି ଆଶା ।

। ଇତି ।

ବିନୀତ

ଲେଖକ

ତା. ୧୫.୮.୯୭

(ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଦିବସ)

Digitized by PPRACHIN, SOA

ଭାରତଭାବନା

୧. ଭାରତ ମାଟି, ଗୋଡ଼ି ଓ ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ ଏହା ଏକ ଜାଗ୍ରତ ଚେତନା ।

-ଶ୍ରୀଅରବିନ୍ଦ

୨. ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ । ଭାରତ ହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତ ହିଁ ଜୀବନ୍ତ ଆତ୍ମା ।

- ଶ୍ରୀମା

୩. ସଦର୍ପରେ କୁହ - ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ । କୁହ - ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧ୍ୟକ୍ୟର ବାରାଣସୀ । କୁହ ଭାଇ - ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ ।

- ବିବେକାନନ୍ଦ

୪. ପୃଥିବୀର କଲ୍ୟାଣ ନିମିତ୍ତ ଭାରତକୁ ରକ୍ଷା କରିବାକୁ ହେବ । କାରଣ ଭାରତ ହିଁ ଏକମାତ୍ର ଦେଶ ଯାହା ଶାନ୍ତି ଓ ସାମାଜିକ ଶୃଙ୍ଖଳା ସ୍ଥାପନ କରିବାରେ ପୃଥିବୀକୁ ନେତୃତ୍ୱ ଦେବ ।

- ଶ୍ରୀ ଅରବିନ୍ଦ

୫. ଭାରତ ଯଦି ସଂକଳ୍ପ କରେ, ତେବେ ମାନବ ଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଛି, ସେ ସବୁର ଦେଇ ପାରେ ଏକ ଅବ୍ୟର୍ଥ ମୀମାଂସା ।

-ଶ୍ରୀଅରବିନ୍ଦ

୬. ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱ ମାନବଙ୍କ ସକାଶେ, ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ବଡ଼ ହେବାକୁ ହେବ, ବିଶ୍ୱ ମାନବ ସମାଜ ପାଇଁ, ନିଜ ପାଇଁ ନୁହେଁ ।

-ଶ୍ରୀଅରବିନ୍ଦ

Digitized by PPRACHIN, SOA

୭. ବିଶ୍ୱର ଇତିହାସ ପର୍ଯ୍ୟାଲୋଚନା କର- ଯେଉଁଠି କୌଣସି ମହାନ ଆଦର୍ଶର ସନ୍ଧାନ ମିଳିବ, ଦେଖିବ ତା'ର ଜନ୍ମ ଭାରତ ବର୍ଷରେ । ସ୍ମରଣାତୀତ କାଳରୁ ଭାରତ ମାନବ ସମାଜ ପାଖରେ ମୂଲ୍ୟବୋଧ ସମୂହର ଖଣି ସ୍ୱରୂପ ହୋଇ ରହିଛି ।

- ବିବେକାନନ୍ଦ

୮. ପାଶ୍ଚାତ୍ୟର ବିଜ୍ଞାନକୁ, ଯୁକ୍ତିକୁ ଉନ୍ନତିଶୀଳତାକୁ ଆଧୁନିକ ଯୁଗର ସକଳମୂଳ ସତ୍ୟକୁ ଆମେ ଗ୍ରହଣ କରିବା, କିନ୍ତୁ ଆମ ନିଜସ୍ୱ ଜୀବନ ଧାରା ଉପରେ ଛିଡ଼ା ହୋଇ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି ।

- ଶ୍ରୀଅରବିନ୍ଦ

୯. ଭାରତର ଯଥାର୍ଥ ଭୂମିକା ଓ ଲକ୍ଷ୍ୟ ହେଲା ସମଗ୍ର ଜଗତର ଗୁରୁସ୍ଥାନ ଅଧିକାର କରିବା ।

- ଶ୍ରୀମା

୧୦. ଭାରତ ମୁକ୍ତ କଣ୍ଠରେ ଘୋଷଣା କରିଛି ଯେ ଏପରି କେଉଁ ବସ୍ତୁ ନାହିଁ ଯାହା ମନୁଷ୍ୟ ଦ୍ୱାରା ପ୍ରାପ୍ତ ହୋଇ ନପାରେ- ଏଥି ପାଇଁ ପ୍ରୟୋଜନ କେବଳ ଇଚ୍ଛା ଶକ୍ତି ଏବଂ ଜ୍ଞାନଶକ୍ତିର ଚାଳନା ଓ ସାମର୍ଥ୍ୟ ।

-ଶ୍ରୀଅରବିନ୍ଦ

୧୧. ଭାରତର ନାରୀ ମାନଙ୍କୁ ଆଧୁନିକ କରିବା ଉଦ୍ଦେଶ୍ୟରେ ଯଦି ଆମେ ସେମାନଙ୍କୁ ସୀତାଙ୍କ ଆଦର୍ଶରୁ ବିଚ୍ୟୁତ କରିବାର ଚେଷ୍ଟା କରିବୁ, ତେବେ ଆମର ସକଳ ଉଦ୍ୟମ ହିଁ ବିଫଳ ହେବ ।

- ବିବେକାନନ୍ଦ

୧୨. ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତୀୟ ମନର ଅସଲ ଚାବିକାଠି ହେଉଛି ଆଧ୍ୟାତ୍ମିକତା, ଅସୀମର ଅନୁଭୂତି ତା'ର ଜନ୍ମଗତ । ଭାରତ ପ୍ରଥମରୁ ବୁଝିଆସିଛି ଯେ କେବଳ ବାହ୍ୟ ରୂପାୟଣର ଆଲୋକରେ ଜୀବନକୁ ବୁଝି ହୁଏ ନାହିଁ କିମ୍ବା ବାହ୍ୟଶକ୍ତିରେ ଜୀବନର ଯଥାଯଥ ପରିଚାଳନା କରାଯାଇପାରେ ନାହିଁ ।

- ଶ୍ରୀଅରବିନ୍ଦ

Digitized by PPRACHIN, SOA

ସୂଚୀପତ୍ର

କ୍ର.ନଂ.	କବିତା	ପୃଷ୍ଠା
୧.	ଭାରତ ଆକାଶେ	୧
୨.	ଏଇ ମାଟି ମୋର	୩
୩.	ଆମର ଏଇ ଦେଶ	୪
୪.	ଜନନୀ ଆମ ଜନମ ଭୂଇଁ	୫
୫.	ଗଙ୍ଗା ମୋ ଦେଶେ	୬
୬.	ଏ ଦେଶେ ବାଜିଛି	୭
୭.	ଶାନ୍ତି ଅହିଂସା ପ୍ରୀତିର ଝରଣା	୮
୮.	ମୋ ଦେଶର ନଦୀ ଗଙ୍ଗା	୯
୯.	ଆର୍ଯ୍ୟ ଋଷିର ଏଇ ଆମ ଦେଶ	୧୦
୧୦.	ଧୂଳି ନୁହେଁ ମାଟି ନୁହେଁ	୧୧
୧୧.	ମୋ ଦେଶ ମାଟିରେ	୧୩
୧୨.	ଭାରତ ଆକାଶେ	୧୪
୧୩.	ମମତା ମୟୀ ଜନନୀଗୋ !	୧୫
୧୪.	ଏଇ ଦେଶ ଏଇ ମାଟି	୧୬
୧୫.	ସଭିଙ୍କର ଶୁଭ କାମନା	୧୭
୧୬.	ସୁନାର ଭାରତ ବର୍ଷ	୧୮
୧୭.	ଏଇତ ଆମରି ଦେଶ	୧୯
୧୮.	ସଜ ସକାଳର ଶୀତଳ ପବନ	୨୦
୧୯.	ଏଇ ଦେଶ ଏଇ ମାଟି	୨୧
୨୦.	ଧନ୍ୟ ସେହି ଦେଶ	୨୩
୨୧.	ଆମେ ଭାରତର ପୁଅ ଝିଅ	୨୫
୨୨.	ଯହିଁ ଶିଳ୍ପ କଳା ମନୋହର	୨୭
୨୩.	ନମୋ ଉତ୍କଳ ଜନନୀ	୨୮
୨୪.	ମତେ ଭାରିଭଲ ଲାଗେ	୩୦
୨୫.	ଏଇ ମୋର ଗାଁ ମାଟି	୩୧

Digitized by PPRACHIN, SOA

|| ୧ ||

ଭାରତ ଆକାଶେ   ପ୍ରଥମ ସକାଳେ
ସୂର୍ଯ୍ୟ ଆସିବ ଉଇଁ
ବିଜୟ ବାରତା ନେଇ
ଚେତନାର ଗୀତ ଗାଇ । || ୦ ||

ବିଞ୍ଚି ବିଞ୍ଚି ଯିବ ଆଶାର କିରଣ
ଆକାଶେ ବତାସେ ଜଳେ
ଘୁଞ୍ଚି ଘୁଞ୍ଚି ଯିବ ହତାଶା ଅନ୍ଧାର
ଦୂରେ ଦୂରେ ବହୁ ଦୂରେ
ମୁକ୍ତ ବିହଙ୍ଗ ଉଡି ଉଡି ଯିବ ବସୁଧାରେ ସୁଧା
ଆଣି ବାଢ଼ିଦେବ ନୂତନ ଜୀବନ ପାଇଁ
ଚେତନାର ଗୀତ ଗାଇ
ସୂର୍ଯ୍ୟ ଆସିବ ଉଇଁ । ୧ ।

Digitized by PPRACHIN, SOA

ଅନେକ ହତାଶା ଅନେକ ବେଦନା
ମଳିନତା ଯିବ ଧୋଇ
ଫୁଲର ଫସଲେ ହସି ଉଠିବରେ
ଉଷର ଧୂଷର ଭୂଇଁ,
ମାନବିକତାର ଅଭିଷେକ ପାଇଁ
ମାନବଜାତିର ଜୟଗାନ ଗାଇ
ସ୍ୱର୍ଗ ଆସିବ ନଇଁ
ଚେତନାର ଗୀତ ଗାଇ
ସୂର୍ଯ୍ୟ ଆସିବ ଉଇଁ । ୨ ।

ପ୍ରତୀଚୀ ଗଗନ ହେବ ଆଲୋକିତ
ହେବ ସବୁ ଏକାକାର
ପ୍ରତିଦିନ ହେବ ଜୈତ୍ରଯାତ୍ରାର
ଅନୁପମ ଅନୁକୂଳ
ନୂଆ ଭାବନାର ନୀଳ କଇଁଫୁଲ
ମନ ସରସୀରେ ହେବ ଝଲମଲ
ପ୍ରୀତିରେ ମଗନ ହୋଇ
ଚେତନାର ଗୀତ ଗାଇ
ସୂର୍ଯ୍ୟ ଆସିବ ଉଇଁ ।। ୩ ।

Digitized by PPRACHIN, SOA

॥ ୨ ॥

ଏଇ ମାଟି ମୋର ସରଗରୁ ବଡ଼
ଶିଶୁଶଯ୍ୟା ଏଇ ମୋର ଶୈଶବର
ଅଶେଷ ମମତାମୟୀ
ମୋର ଅଳିଝଳି ଅଛି ସେ ସମ୍ଭାଳି ତୁଳନା ତାହାର ନାହିଁ । ୧ ।

ଯଉବନେ ମୋର ଏଇ ଫୁଲବନ
ସରି ନୁହେଁ ତାରେ ନନ୍ଦନ କାନନ
ଆନନ୍ଦର ଗନ୍ତାଘର
ମନ୍ଦମନ୍ଦ ହୋଇ ମଳୟ ବହଇ ମୋ ପାଇଁକି ନିରନ୍ତର । ୨ ।

ବାରାଣସୀ ଏଇ ମୋର ବାର୍ଦ୍ଧକ୍ୟରେ
ଆଲୋକର ଶିଖା ମୁକତି ପଥରେ
ସେନେହ ଯାଏ ବରଷି
ଜୀବନ ସଞ୍ଜରେ ଶାନ୍ତି ଧୂପବାସ ଯତନେ ଯାଏ ପରଷି । ୩ ।

ଶେଷ ସ୍ମୃତିପାଇଁ ଏ ହେବ ସମାଧି
ରଖିବ ସାଇତି ସ୍ମୃତି ନିରବଧି
ଭାରତ ଜନନୀ ମୋର
ତା' ଚରଣ ତଳେ ପ୍ରଣତି ଢାଳେ ମୁଁ ଢାଳି ଅଶ୍ରୁ ଦୁଇ ଧାର । ୪ ।

Digitized by PPRACHIN, SOA

॥ ୩ ॥

ଆମର ଏଇ ଦେଶ ଆମର ଏଇ ମାଟି
ଚରଣେ ତାର ଢାଳୁ ପ୍ରଣତି ଆମେ କୋଟି
ଭକତି ସଜ ରଜନୀଗନ୍ଧା ଗଜରା ଦେଇ ଭେଟି ।। ୦ ।

ନୁତନ ଦିଗର ସନ୍ଧାନୀ ଆମେ
ନୂତନର ଆଶା ନେଇ
ସବିତାବରଣୀ ଉଷା ଆଗମନୀ
ପଥ ରହି ଅଛୁ ଚାହିଁ
(ପୁଅ) ଜାଗ୍ରତ ଆମେ ଦୀପ୍ତ ପ୍ରହରୀ
(ଝିଅ) ଶାନ୍ତ ସାଗର ସୁନୀଳ ଲହରୀ
ଆମେ ଭରି ଦେବୁ ବିଶ୍ୱପ୍ରାଣରେ ମୈତ୍ରୀ ମମତା ପ୍ରୀତି । ୧ ।

ସରବେ ରହନ୍ତୁ ସୁଖରେ ଶାନ୍ତିରେ
ଏଇ ଆମ ଅଭିଳାଷ
ମଧୁଭରା ହେଉ ମାନବ ମାନସ
ମମତାର ମଧୁମାସ
(ପୁଅ) ଅନ୍ଧକାର ଯାଉ ଧୀରେ ଅପସରି
(ଝିଅ) ହସୁ ଆକାଶରେ ଶତ ଫୁଲଝରି
ଜଗତ ଜନର କଲ୍ୟାଣ ହେଉ, ଏଇ ତ ଆମର ନୀତି । ୨ ।

Digitized by PPRACHIN, SOA

॥ ୪ ॥

ଜନନୀ ଆମ ଜନମ ଭୂଇଁ
ଏଇ ଯେ ଆମର ଭାରତ ବର୍ଷ
ସରଗଶିରୀ ପଡ଼ଇ ଝରି
ଏ ଦେଶ କୋଳେ ନିଶି ଦିବ୍ସ । ୦ ।

ଅନେକ ପ୍ରାନ୍ତରେ ଅନେକ ଭାଷା
କୋଟି କୋଟି ମନେ ଗୋଟିଏ ଆଶା
ଆମେ ଆଣି ଦେବୁ ଆଗାମୀଦିନରେ
ନୂଆ ଚେତନାର ଧାରା ପୀୟୂଷ । ୧ ।

ଅନେକ ଚଳଣି ଅନେକ ବିଧି
ଅନେକ ଧର୍ମ ଏକଇ ସିଦ୍ଧି
ଜଗତ ଜନର ଜୀବନ କୁଞ୍ଜେ
ଆମେ ଭରି ଦେବୁ ଫୁଲ ସୁବାସ । ୨ ।

ଆମ ପାଇଁ ମନ୍ତ୍ର ତା' ଯଶ ଗାନ
ତାର ପାଦ ଧୂଳି ବାସ ଚନ୍ଦନ
ସୁଖେ ଦୁଃଖେ ସାହା ଆମ ମାଟି ମାଆ,
ମାନବିକତାର ଲଳିତ ଭାଷ୍ୟ । ୩ ।

Digitized by PPRACHIN, SOA

॥ ୫ ॥

ଗଙ୍ଗା ମୋ ଦେଶେ ଆସିଛି ଓହ୍ଲାଇ
ସରଗ ଭୁବନ ଛାଡି
କଳପବଟ ସେ ଆସିଛି ଓହ୍ଲାଇ
ନନ୍ଦନବନ ଭୁଲି । ୦ ।

ସଜ ସକାଳରେ ମୋ ଦେଶ କୋଳରେ
ସୁନାର ଲହରୀ ଶୋଭା
ରାକା ରଜନୀରେ ମୃଦୁ ମୃଦୁ ହସେ
କ୍ଷୀର ସିନ୍ଧୁ ଜିଣାପ୍ରଭା
ଅଳକା ଗରବ ମଉଳି ଝରିବ
ଦେଖି ମୋ ଦେଶର ଶିରୀ । ୧ ।

ଋଷି କୁଳକଣ୍ଠେ ଏ ଦେଶେ ଶୁଭିଛି
ପ୍ରଥମ ପ୍ରଣବ ତାନ
ମଧୁମମତାର କରୁଣା ପ୍ରେମର
ମନଲାଖି ଆବାହନ
ପାଦଧୂଳି ତା'ର ସୁବାସ ଚନ୍ଦନ
ଶିରେମୁଁ ଦେଉଛି ବୋଳି । ୨ ।

Digitized by PPRACHIN, SOA

॥ ୬ ॥

ଏ ଦେଶେ ବାଜିଛି ଗୁରୁ ଗଉରବେ
ପଞ୍ଚଜନ୍ୟ ଶୁଭଶଙ୍ଖ
ଧର୍ମନୀତିର ଭକ୍ତି ମୁକ୍ତିର
ହୋଇଅଛି ଅଭିଷେକ । ୦ ।

ଜୀବନ ଏଇଠି ଯୋଗର ସାଧନା
ମନ ଏଠି ପୂଜାଫୁଲ
ଏ ମାଟିର ନାହିଁ କଳନା ତୁଳନା
ସିଏ ତାର ସମତୁଲ
ଏ ଭାରତ ଭୂଇଁ ଆମର ଜନନୀ
ଜଗତେ ଅଛି ତା ଟେକ । ୧ ।

ମାନବବାଦର ଶୁଭ ନିରାଜନା
ଏଇ ତ ଏ ଦେଶ ନୀତି
ଗଗନ ପବନ କେଦାର କାନନ
ଗାଏ ଅହିଂସାର ଗୀତି
ଏ ଦେଶ କୋଳରେ ଜନମି ପାଇଛି
ମୁହିଁ ତ ସରଗ ସୁଖ । ୨ ।

Digitized by PPRACHIN, SOA

॥ ୭ ॥

ଶାନ୍ତି ଅହିଂସା ପ୍ରୀତିର ଝରଣା
ଯେ ଦେଶ ମାଟିରେ ଝରେ
ଏ ସେଇ ଦେଶ ଏ ଭାରତ ବର୍ଷ
ତା' ପାଦେ ପ୍ରଣାମ କରେ । ୦ ।

ମୋ ଜନମ ଭୂଇଁ ମୋ କରମ ଭୂଇଁ
ଏଇ ମୋ ସାଧନା ଭୂଇଁ
ଏ ମାଟିରେ ଅଛି କାଉଁରୀ ପରଶ
ତୁଳନା ତାହାର ନାହିଁ
ଏ ଦେଶ ଆଗରେ ସରଗ ସୁଷମା
ମଉଳି ନୀରବେ ଝରେ । ୧ ।

ବିଶ୍ୱ ଜୀବନ ସୁରଭିତ ହେଉ
ଆନନ୍ଦେ ମଗନ ହୋଇ
ପ୍ରଗତିର ପଥ ହେଉ କୁସୁମିତ
ଏ ସାରା ଜଗତ ପାଇଁ
ମାନବିକତାର ଅଭିଷେକ ପାଇଁ,
ଏ ଦେଶ କାମନା କରେ । ୨ ।

Digitized by PPRACHIN, SOA

॥ ୮ ॥

ମୋ ଦେଶର ନଦୀ ଗଙ୍ଗା
ପରବତ ହିମାଳୟ
ତୁଳନା ନାହିଁ ତାହାର
ସବୁ ଏଠି ସୁଧାମୟ । ୦ ।

ମୋ ଦେଶ ପବନ ଆନନ୍ଦେ ମଗନ
ଧୀରେ ଧୀରେ ଯାଏ ବହି
ନୂଆ ଚେତନାର କେତେ ଯେ ବାରତା
କାନେ କାନେ ଯାଏ କହି
ମୋ ଦେଶ ଆଗରେ ଅଳକା ପୁରୀର
ମୁହଁ ପଡ଼ିଯାଏ ରଙ୍ଗା
ମୋ ଦେଶର ନଦୀ ଗଙ୍ଗା । ୧ ।

ମୋ ଦେଶର ଲତା ସବୁଜ ସୁନ୍ଦର
କଳପ ଲତାର ସମ
ଫୁଲ ମୋ ଦେଶର ପାରିଜାତ ପରା
ମଧୁଭରା ଅନୁପମ
ମାନବିକତାର ମଧୁଲହରୀରେ
ମନ ତୁଠ ପାଏ ଶୋଭା
ମୋ ଦେଶର ନଦୀ ଗଙ୍ଗା । ୨ ।

Digitized by PPRACHIN, SOA

।। ୯ ।।

ଆର୍ଯ୍ୟ ଋଷିର ଏଇ ଆମ ଦେଶ
ମୁଠାଟିଏ ମାଟି ତୋଳି
ପଚାରିଲେ ତାର ଇତିହାସ ତାକୁ
କହିବ ସେ ମନଖୋଲି । ୦ ।

ଜଡ଼ରେ ଏ ଦେଶ ଜୀବନ ଖୋଜିଛି
ବିନ୍ଦୁରେ ଖୋଜିଛି ସିନ୍ଧୁ
ଚେତନା ଦୀପାଳି ଜଳାଇ ଲୋଡ଼ିଛି
ବିଭୁ ପ୍ରୀତି-ପଦ୍ମ-ମଧୁ
ଶୁଭ ସାଧନାର ସୁର ସଢ଼ାଳିଛି
ପ୍ରଣବ ଝଙ୍କାର ତୋଳି । ୧ ।

ଦିଗଦିଗନ୍ତରେ ମାନବିକତାର
ଉଡ଼ାଇ ବିଜୟ ବାନା
ନୂଆ ଚେତନାର ନୂତନ ଆଶାର
କରି ଅଛି ନିରାଜନା
ଜଗତ ଜନର ଶୁଭ ମନାସିଛି
ମନରେ ମମତା ଭରି । ୨ ।

Digitized by PPRACHIN, SOA

॥ ୧୦ ॥

ଧୂଳି ନୁହେଁ ମାଟି ନୁହେଁ ଜାଗ୍ରତ ଚେତନା ସିଏ
ସରଗରୁ ବଡ଼ ଆମ ଭାରତ ଭୂଇଁ
ମଧୁ ମମତା ବନ୍ଧନ ବାନ୍ଧେ କୋଟି ଜନମନ
ଏ ଦେଶ ଯଶ ଭାଷାରେ ନହେବ କହି
ସ୍ନେହ ଭାବ ସୁଧାଝରଣା
ଝରି ଆସେ ଆମ ଦେଶେ ପରାଣ ଘେନା ।୧ ।

ବହୁ ଭାଷା ବହୁଧର୍ମ ଚଳଣି ସେ ଭିନ୍ନ ଭିନ୍ନ
ଆକୁମାରୀ ହିମାଚଳେ ଦୃଷ୍ଟିଗୋଚର
କଳା ସାହିତ୍ୟ ସୁନ୍ଦର ଶିଳ୍ପ ଚାତୁରୀ ମଧୁର
ଆନନ୍ଦ ନନ୍ଦନବନ ଦେଶ ଆମର
ଶୁଚିସ୍ମିତ ପ୍ରୀତିର ବାଣୀ
ଗଗନେ ପବନେ ତାର ରହିଛି ଭରି । ୨ ।

Digitized by PPRACHIN, SOA

ସତ୍ୟଶାନ୍ତି ଦୟା କ୍ଷମା ମମତାର ନାହିଁ ସୀମା
ଆମ ଦେଶ ମର୍ମବାଣୀ ପ୍ରାଣ ଚେତନା
ବିଶ୍ୱ କଲ୍ୟାଣ କାମନା ଭାରତର ନୀତି ସିନା
ତ୍ୟାଗ ତପସ୍ୟାରେ ଆମ ସ୍ୱର୍ଗରଚନା
ଆନ ସୁଖେ ଆମେ ତ ସୁଖୀ
ଆନର ଦୁଃଖରେ ହେଉ ନିରତେ ଦୁଃଖୀ । ୩ ।

ଜନନୀ ମହିମାମୟୀ ତା ସମାନ କେହି ନାହିଁ
ଆଗାମୀ ଦିନରେ ହେବ ଜଗତ ଗୁରୁ
ସରଗର ଶୋଭା ଶିରୀ ଲାଜରେ ଯିବ ମଉଳି
ଏ ଦେଶକୁ ଦେଖି କରି ଅନେକ ଦୂରୁ
ପ୍ରଣାମ ତା ଚରଣେ ତଳେ
କରୁ ଆମେ ଭକ୍ତିଭରେ ଆନତ ଶିରେ । ୪ ।

Digitized by PPRACHIN, SOA

॥ ୧୧ ॥

ମୋ ଦେଶ ମାଟିରେ ଝରି ଝରି ଯାଏ
ମାନବିକତାର ଧାରା,
ଜନମାନସର କୁଞ୍ଜେକୁଞ୍ଜେ ଫୁଟେ
ମମତା ମନ୍ଦାର ଝରା ।

ଆଶାର ମଳୟ ଆଣେ ପ୍ରାଣେ ଶିହରଣ
ଅନ୍ଧାରରୁ ଆଲୋକକୁ କରେ ନିମନ୍ତ୍ରଣ
ଅମୃତ ସନ୍ଧାନ ପାଇଁ ମନେ ଦିଏ ଭରି
ଶତ ଅନୁରାଗ ପରା । ୧ ।
ସାଧନାର ଅଭିଷେକ ହୁଏ ଜୀବନରେ
ଚେତନାର ଶଙ୍ଖବାଜେ ମନ ମନ୍ଦିରରେ
ଆନର କଲ୍ୟାଣ ପାଇଁ ଆମମନେ ଥାଏ
ଶୁଭ କାମନା ଅସରା । ୨ ।

ଆମ ପ୍ରାଣ ବିଶ୍ୱପ୍ରାଣେ ହେଉ ସଞ୍ଚରିତ
ଆମମନେ ବିଶ୍ୱମନ ହେଉ ବିକଶିତ
ଏଇ ଅନୁଚିନ୍ତା ଏ ଆମ ବାରତା
ଖେଳି ଯାଉ ବିଶ୍ୱସାରା । ୩ ।

Digitized by PPRACHIN, SOA

॥ ୧୨ ॥

ଭାରତ ଆକାଶେ ନୀଳମେଘମାଳା
ଗାଏ ତାର ଜୟଗୀତି
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଏଇ ଦେଶ ଏଇ ମାଟି ॥ ୦ ॥

ବିଶ୍ବ ଚେତନାର ମନ୍ଦାକିନୀ ଧାରା
ବହିଯାଏ ହସି ଏଇ ଦେଶେ ପରା
ଶାନ୍ତିର କପୋତ ଉଡି ଉଡିଯାଏ
ଗାଇ ବିଶ୍ୱ ପ୍ରେମଗୀତି । ୧ ।

ମାନବିକତାର ମଧୁର ପରଶ
ଆଣିଦିଏ କୋଟି ଜନସୁଖେ ହସ
ସରବେ ସମାନ ଏ ଦେଶ ମାଟିରେ
ନାହିଁ ଭେଦା ଭେଦ ନୀତି । ୨ ।

ଆହା ଏ ମାଟିର ନାହିଁ ପଟ୍ଟାନ୍ତର
ସରଗ ଶୋଭାକି ମରତେ ଗୋଚର
ଆର୍ଯ୍ୟ ଋଷିର ପାଦ ଧୂଳିପଡ଼ି
ପବିତ୍ର ଏ ଦେଶ ମାଟି । ୩ ।

Digitized by PPRACHIN, SOA

॥ ୧୩ ॥

ମମତାମୟୀ ଜନନୀ ମୋ
କଲ୍ୟାଣମୟୀ ଦେବି !
ଜୀବନ ଆମର ଧନ୍ୟ ହେଉ
ଚରଣ ତୋର ସେବି । ୦ ।

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଲଳିତ ହାସ୍ୟମୟୀ
କାରୁକଳାରେ ବିମଣ୍ଡିତା
ସଂଗୀତ ସୁଧାମୟୀ
ମାନବବାଦର ପୂଜାରିଣୀ ତୁମେ କରୁଣାକୋମଳ ଛବି । ୧ ।
ବନାନୀ ତୋର ଶ୍ୟାମଳ ପାଟ
କୁସୁମ ମଧୁ ହାସ
ଭଅଁର ଆସେ ଭାଟର ବେଶେ
ଗାଇବ ତୋର ଯଶ
ଶିଳାବନ୍ଧୁର ଶେଯରେ ତୋର ଝରଣା ନାଚେ କୁଦି । ୨ ।
ସିନ୍ଧୁ ଧୁଅଇ ଚରଣେ ତଳ
ମଧୁ ଝରାଏ ଜହ୍ନ
ଚାମର ଢ଼ାଳେ ପବନ ଧୀରେ
ପୁଲକେ ଭରିମନ
ସରବେ ଏଠି ଭଉଣୀଭାଇ ମମତା ପାଶେ ବନ୍ଦୀ । ୩ ।

Digitized by PPRACHIN, SOA

॥ ୧୪ ॥

ଏଇ ଦେଶ ଏଇ ମାଟି
ଆମରି ଜନନୀ
ଚରଣେ ପ୍ରଣାମ ତାର
ଦିବସ ରଜନୀ । ୦ ।

ଧୂଳି ବାଲି ପଥରରେ
ଗଢ଼ା ତନୁ ତାହାର
ଦେବୀ ସିଏ ସ୍ନେହମୟୀ
ମମତାର ସାଗର
ତା'ର ମାନ ଯଶ ଆମରି ଜୀବନ ସେ ଆମ ମଥାର ମଣି । ୧ ।

ତାର ପାଣି ପବନରେ
ଭରା ସୁଧା ଝରଣା
ସରଗରୁ ବଡ଼ସିଏ
ନାହିଁ ତାର ତୁଳନା
ଯୁଗ ଯୁଗ ଧରି ଜାଳି ଅଛି ସିଏ ଚେତନାର ନୂଆ ରୋଷଣି । ୨ ।

Digitized by PPRACHIN, SOA

॥ ୧୫ ॥

ସଭିଙ୍କର ଶୁଭକାମନା
ଆମ ଜୀବନର ବାସନା
ଆମେ ଭାରତୀୟ ଏଇ ପରିଚୟ ଏ ଆମ ମନର ଭାବନା । ୦ ।

ଅନ୍ଧକାରର ସୀମାରେଖା ଡେଇଁ
ଆମେରେ ଆଲୋକଯାତ୍ରୀ
ସମତାର ସ୍ୱରେ ଆମେ ଗୀତ ଗାଉ
ଭରି ଅନୁରାଗ ମୈତ୍ରୀ
ସମନ୍ୱୟ ଆମ ପବିତ୍ର ପ୍ରୟାସ
ଯୁଗେ ଯୁଗେ ଆମ ସାଧନା । ୧।

ଶାନ୍ତି କପୋତ ଉଡି ଉଡି ଯାଏ
ଆମରି ଆକାଶ କୋଳେ
ହତାଶା ଅନ୍ଧାର ଘୁଞ୍ଚି ଘୁଞ୍ଚି ଯାଏ
ଆଶାର କିରଣ ଜାଳେ
ମାନବିକତାର ଲହରୀ ପରଶେ
ମଧୁସିକ୍ତ ଆମ ଚେତନା । ୨ ।

Digitized by PPRACHIN, SOA

॥ ୧୬ ॥

ସୁନାର ଭାରତ ବର୍ଷ
ଏଇତ ଆମର ଦେଶ
ମହିମା ଏହାର ଅନନ୍ତ ଅପାର
କଥାରେ ହେବନି ଶେଷ । ॥ ୦ ॥

ଧ୍ୟାନ ମଗ୍ନ ଏଠି ମାଟି, ଗୋଡ଼ି ପୁଣି
ଝରଣା ନୀଳଆକାଶ
ଏ ଦେଶେ ରହିଛି ବିଭୁ ଚେତନାର
ସୁଧାଝରା ସ୍ମିତହାସ
କଳା କାରିଗରୀ ବିମଳ ବିଳାସେ
ଝରିଯାଏ ମଧୁହାସ । ୧ ।

ସ୍ନେହ, ମମତାର ଫଗୁଣ ଫୁଲରେ
ମୋ ଦେଶ ମହକି ଉଠେ
ତ୍ୟାଗ, ତପସ୍ୟାର କରୁଣା, କ୍ଷମାର
ମଧୁମନ୍ଦାକିନୀ ଛୁଟେ
ଚରଣରେ ତାର ପ୍ରଣାମ ଢାଳେ ମୁଁ
ମାଗେ ତାର ଶୁଭାଶିଷ । ୨ ।

Digitized by PPRACHIN, SOA

॥ ୧୭ ॥

ଏଇ ତ ଆମରି ଦେଶ
ପବିତ୍ର ଭାରତ ଭୂଇଁ
ଦିବ୍ୟ ଚେତନାର ବଇକୁଣ୍ଠପୁର
ଯହିଁ ଆସିଅଛି ନଇଁ । ।୦।

ଋଷିପାଦରଜେ ପୂତ ଏଇ ମାଟି
ଗଗନେ ପବନେ ପ୍ରଣବର ଗୀତି
ବିଭୁଚେତନାର ନନ୍ଦନ ମନ୍ଦାର
ଫୁଟିଅଛି ଏହି ଭୂଇଁ । ୧ ।

ସୁନ୍ଦର ତାହାର ତରୁଲତାମାଳ
ସୁନ୍ଦର ତା ନଦୀ ଝରଣା ପାହାଡ଼
ସାଗରରେ ବୀଚି ଯାଏ ନାଚି ନାଚି
ମହିମା ଏହାର ଗାଇ । ୨ ।

ମଧୁର ମମତା ବିଶ୍ୱଜନ ପ୍ରୀତି
କାଳେକାଳେ ପରା ଏଇ ଦେଶ ନୀତି
ତ୍ରିରଙ୍ଗା ଗାଉଛି ବିଶ୍ୱ ପ୍ରେମ ଗୀତି
ନୀଳ ଗଗନକୁ ଛୁଇଁ । ୩ ।

Digitized by PPRACHIN, SOA

॥ ୧୮ ॥

ସଜସକାଳର ଶୀତଳ ପବନ
କାହିଁ କେତେ ଦୂରୁ ଆସି
ଭାରତ ଜନନୀ କୀରତି କାହାଣୀ
କହି ଯାଏ ହସି ହସି । ୦ ।

ଦେବ ନିକେତନ ଏଇ ଆମ ମାଟି
ମହିମା ଯାହାର କହି ନୁହଇ ଟି
ଭେଦାଭେଦ ନାହିଁ ସବୁ ଭାଇଭାଇ
ରହୁ ଆମେ ମିଳିମିଶି । ୧ ।

ମାନବିକତାର ମଧୁର ସୁବାସେ
କୋଟି ଜନତାର ମନଫୁଲ ବାସେ
ଶାନ୍ତି କପୋତ ଉଡି ଉଡି ଯାଏ
ଢାଳି ଶାନ୍ତି ସୁଧାରାଶି । ୨ ।

ତା' ପାଣି ପବନେ ଗଢ଼ା ଆମ ଦେହ
ଅଭୁଲା ଆଦର ଅଶେଷ ସେନେହ
ତା' ଅଣୁଝା ରଣେ ରଣୀ ଆମେ ସବୁ
ଯେତେକ ଭାରତବାସୀ । ୩ ।

Digitized by PPRACHIN, SOA

।। ୧୯ ।।

ଏଇ ଦେଶ ମାଟି ସରଗରୁ ବଡ଼
ସୁନ୍ଦର ମଧୁର ତା'ର ଫୁଲ ଫଳ
ପ୍ରଣାମ ମୁଁ ତାକୁ କରେ । ୦ ।

ଦେବଭୂମି ବୋଲି ଦେବତା ଆସନ୍ତି
ସରଗରୁ ଅବତରି
ଅମାଅନ୍ଧକାରେ ଜଳାଇ ଦିଅନ୍ତି
ଆଲୋକର ଫୁଲଝରି
ମୋ ଦେଶ ପବନ ଗାଉ ଅଛି ଗୀତ
ମଧୁ ମମତାର ସୁରେ
ପ୍ରଣାମ ମୁଁ ତାକୁ କରେ । ୧ ।

କଳକଳ ଗାନେ ଗାଉଅଛି ନଦୀ
କେତେ ଗଉରବ ଗାଥା
ଝର ଝର ତାନେ ଝରୁଛି ଝରଣା
ଲଳିତ ଲବଙ୍ଗ ଲତା
ବନ ଉପବନ ମନବିମୋହନ
ମଗନ ଧ୍ୟାନ ଯୋଗରେ
ପ୍ରଣାମ ମୁଁ ତାକୁ କରେ । ୨ ।

Digitized by PPRACHIN, SOA

ତ୍ରିରଙ୍ଗା ଗାଉଛି ଶାନ୍ତି ମୈତ୍ରୀ ଗୀତି
ନୀଳ ଆକାଶକୁ ଛୁଇଁ
ଏ ସାରା ସଂସାର ଏକ ପରିବାର
ବଡ ସାନ କେହି ନାହିଁ
ଖୋଜିଲେ ବିଶ୍ୱରେ ଏପରି ଦେଶ ତ
ମିଳିବନି କେଉଁଠାରେ
ପ୍ରଣାମ ମୁଁ ତାକୁ କରେ । ୩ ।

Digitized by PPRACHIN, SOA

॥ ୨୦ ॥

ଧନ୍ୟ ସେହି ଦେଶ ଯହିଁ ଦେଖେ ଋଷି
ସାଧନାରେ ସାରା ବିଶ୍ୱ
କି ଭାଷାରେ ତାର ମହିମା ଗାଇବୁ
ଆମେ ତ ଅଜ୍ଞାନ ନିଃସ୍ୱ । ୦ ।

ମମତା ଉଚ୍ଛୁଳା ଗଙ୍ଗା ତରଙ୍ଗ
ଧଉତ ଯା' ତନୁ କରେ
ହିମଗିରିମାଳା ହୋଇଅଛି ଯାର
ରଜତ ମୁକୁଟ ଶିରେ ।
ଏଇ ଆମ ଦେଶ ଏ ଭାରତବର୍ଷ
ଦେବତା ଲୀଳା ନିବାସ । ୧ ।

ମୈତ୍ରୀ, ମମତା ବନ୍ଧନେ ବନ୍ଧା
ଆମେ କୋଟି କୋଟି ଜନ
ବିଶ୍ୱ ପ୍ରେମର ଆଲୋକେ ଝଲସି
ପୁଲକିତ ଆମ ମନ
ବିଶ୍ୱ କଲ୍ୟାଣ କାମନା ଆମର
ଜୀବନର ମହାଭାଷ୍ୟ । ୨ ।

Digitized by PPRACHIN, SOA

ଆନ୍ତରିକତାର ମୋହନ ମାଧୁରୀ
ଏଇ ଦେଶୁ ଝରି ଝରି
ଆଗାମୀ ଦିନରେ ଗଢ଼ି ଦେବ ପରା
ମରତେ ସରଗ ପୁରୀ
ଆମ ଦେଶ ହେବ ଜଗତର ଗୁରୁ
ପାଇବ ଆସନ ଶୀର୍ଷ । ୩ ।

Digitized by PPRACHIN, SOA

॥ ୨୧ ॥

ଆମେ ଭାରତର ପୁଅଝିଅ
ଆନସୁଖ ଦେଖି   ଆମେ ହେଉ ସୁଖୀ
ଆନ ଦୁଃଖେ ଢାଳୁ ଲୁହ । ୦ ।

ମଧୁ ମମତାର   ଚନ୍ଦନ ଗନ୍ଧରେ
ମହକେ ଆମର ମନ
ସରବେ ଆମର   ଅତି ଆପଣାର
କେହି ନୁହେଁ ବଡ଼ ସାନ
ସରବେ ରହନ୍ତୁ ସୁଖରେ ଶାନ୍ତିରେ
ଝରୁ ସ୍ୱର୍ଗ ସୁଧା ମରତ ମାଟିରେ
ଅଶାନ୍ତିର ହେଉ କ୍ଷୟ । ୧ ।

ବିଭୁ ଚେତନାର   ନୀଳକଇଁ ଫୁଲ
ପାଖୁଡା ପାଖୁଡା ମେଲି
ଆମମନେ ଫୁଟି   ବାସ ଯିବ ଛୁଟି
ଚଉଦିଗେ ଝୁଲି ଝୁଲି
ପାହିଯିବ ଅମା ଅନ୍ଧକାର ନିଶା
ଭାରତ ଗଗନେ ଆସି ନବ ଉଷା
ନାଶି ଦେବ ଶୋକ ଭୟ । ୨ ।

Digitized by PPRACHIN, SOA

ଆମେ ଲେଖିଯିବୁ ନୂଆ ଇତିହାସ
ଏହା ଅଛି ଆମ ମନେ
ବଇରୀକୁ ଆମେ ବନ୍ଧୁ କରିନେବୁ
ଆପଣାର ଭଲ ଗୁଣେ
ଆନନ୍ଦେ ହସିବ ଏ ସାରା ସଂସାର
ସାରା ବିଶ୍ୱ ହେବ ଏକ ପରିବାର
ତୁଟି ଯିବ ଯୁଦ୍ଧ ଭୟ । ୩ ।

Digitized by PPRACHIN, SOA

॥ ୨୨ ॥

ଯହିଁ ଶିଳ୍ପ କଳା ମନୋହର
ଯହିଁ ପଥରରେ ଫୁଟେ ଫୁଲ
କଳା ବିଳାସିନୀ ଉତ୍କଳ ଜନନୀ
ଚରଣେ କୋଟି ଜୁହାର । ୦ ।

ମମତାମୟୀ ସେ କଲ୍ୟାଣମୟୀ ସେ
ସିଏ ତ କରୁଣା ଧାରା
ଶକ୍ତିମୟୀ ଦେବୀ କୀର୍ତ୍ତି କିରୀଟିନୀ
ଉଦୟ ନିର୍ମଳ ତାରା
ଆମ ପୁଣ୍ୟ ଭୂମି ଆମ ଜନ୍ମ ଭୂମି
ଆମ ବଇକୁଣ୍ଠପୁର । ୧ ।

ପ୍ରୀତି ମନ୍ଦାକିନୀ ଜୁଆରେ ପ୍ଲାବିତ
ଆମରି ଜୀବନ ଭୂଇଁ
ନାହିଁ ଭେଦ ଭାବ ସରବେ ସମାନ
ସରବେ ଭଉଣୀ ଭାଇ
ଜଗତର ନାଥ ପ୍ରଭୁ ଜଗନ୍ନାଥ
ସାହା ଭରସା ଆମର । ୨ ।

Digitized by PPRACHIN, SOA

॥ ୨୩ ॥

ନମୋ ଉତ୍କଳ ଜନନୀ
କୀର୍ତ୍ତି ମାଳିନୀ ଜ୍ୟୋତର୍ମୟୀ ମା'
ଅଶେଷ ଶକ୍ତି ଶାଳିନୀ । ୦ ।

ସାଗର ଗାଉଛି ତୋର ଜୟ ଗୀତି
ଅବିରାମ ଦିବାନିଶି
ତୋ' ମହିମା ଗାଇ ବନଉପବନେ
କେତେଫୁଲ ଫୁଟେ ହସି
ସୁନୀଳ ଆକାଶେ ଭସା ମେଘ ମାଳା
କହେ ତୋ' ଯଶ କାହାଣୀ । ୧ ।

ଚାରୁ କଳାମୟୀ ସ୍ନେହ ପ୍ରଦାୟିନୀ
ନବଉଷା ଆଲୋକର
ପଥର ବୁକୁରେ ତୋହରି ସନ୍ତାନ
ନିହଣେ ଫୁଟାଏ ଫୁଲ
ତୋ ପ୍ରାଣେ ବହଇ ଅହିଂସା ମୈତ୍ରୀ
ମମତାର ସୁରଧୂନୀ । ୨ ।

Digitized by PPRACHIN, SOA

ବିଭୁ ଚେତନାର ନୀଳ କଇଁ ଫୁଟେ
ତୋ' ସନ୍ତାନ ମନ ତୁଠେ
ମାନବିକତାର ସୁଲଳିତ ସୁର
ରୂପପାଏ କୋଟି କଣ୍ଠେ
ପ୍ରଣାମ କରୁଛି ଚରଣେ ତୋର ମାଆ
କରି ତୋର ଜୟଧ୍ୱନୀ । ୩ ।

Digitized by PPRACHIN, SOA

॥ ୨୪ ॥

ମତେ ଭାରି ଭଲ ଲାଗେ ଆମ ଗାଁ ଭୂଇଁ
ସରାଗ ପରାଗ ରେଣୁ ଝରି ପଡ଼େ ଯହିଁ । ୦ ।

ନାରୀକେଳ କୁଞ୍ଜ ଛୁଇଁ ଧୀର ଧୀର ପବନ
କାନେ ମୋର କହିଯାଏ ତା ମହିମା ଅସୀମ
ମୋ ଜନମ ଭୂଇଁ ସରଗରୁ ବଡ଼
ସରି ତାର କେହି ନାହିଁ । ୧ ।

ଦାଣ୍ଡ ଧୂଳି ତାର ବାସ ଚନ୍ଦନରୁ ବଳି
ଭାରି ଆପଣାର ଲାଗେ ସେହି ବାଲି ଧୂଳି
ମନେ ହୁଏ ମୋର ଅଳକାପୁରୀର
ରାଜଦାଣ୍ଡ କିବା ସେହି । ୨ ।

ମାଆ ମଣିନାଗ ଦୁର୍ଗା ଚରଣେ ଶରଣ
ବିପଦେ ଆପଦେ ସାହା ଜନନୀ ସମାନ
ସରବେ ରହନ୍ତୁ ସୁଖରେ ଶାନ୍ତିରେ
ତାଙ୍କରି ଆଶିଷ ପାଇ । ୩ ।

Digitized by PPRACHIN, SOA

॥ ୨୫ ॥

ଏଇ ମୋର ଗାଁ ମାଟି ସ୍ନେହମୟୀ ଜନନୀଟି
ଚରଣେ ପ୍ରଣାମ କରେ ଭକତି ଭରେ
ନାହିଁ ତା ମହିମା ସୀମା ଅନୁରାଗେ ଅନୁପମା
ନୟନ ଯାଉଛି ଭିଜି ଆନନ୍ଦନୀରେ
ଗ୍ରାମ ପଥ ଚନ୍ଦନ ରେଣୁ
ପରଶେ ବାଜେ ମନରେ ମୋହନ ବେଣୁ । ୧ ।

ବୃକ୍ଷତାର ମନୋରମ ସବୁ କଳ୍ପବୃକ୍ଷସମ
ପବନ ତା ସୁଖମୟ ବାସ ମଧୁର
ଲତା କୁଞ୍ଜେକୁଞ୍ଜେ ଫୁଲ ଫୁଟି ଦିଶେ ଝଲମଲ
ସତେ କି ନନ୍ଦନବନ ଝରା ମନ୍ଦାର
ଜଳ ତାର ଅମୃତମୟ
ସତେ ଅବା ସଂଜୀବନୀ ସୁଧା ନିଳୟ । ୨ ।

ମାଆ ମଣିନାଗ ଦୁର୍ଗା ଅଭୟ ଦାୟିନୀ ଶିବା
ଚରଣେ ପ୍ରଣାମ କରେ ଆନତଶିରେ
ଦୁଃଖେ ସୁଖେ ସିଏ ସାହା କାୟା ପାଖେ ପାଖେ ଛାୟା
ତାଙ୍କ ଆଶିଷ ମାଗେ ମୁଁ ଯୋଡ଼ ହସ୍ତରେ
ଧନ୍ୟ ମୁହିଁ ଜନମି ଏଠି
ସ୍ୱର୍ଗାଦପି ଗରୀୟସୀ ମୋ' ଗାଁ ମାଟି । ୩ ।

Digitized by PPRACHIN, SOA

ଡକ୍ଟର ଶରତ ଚନ୍ଦ୍ର ରଥଙ୍କର ଜନ୍ମ ସାକ୍ଷୀଗୋପାଳ ନିକଟସ୍ଥ ବୀରରାମଚନ୍ଦ୍ରପୁର ଶାସନରେ । ସେ କୃତିତ୍ୱର ସହ ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ୧୯୭୭ ମସିହାରେ ଓଡ଼ିଆ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ସାହିତ୍ୟର ସମାଲୋଚନା କ୍ଷେତ୍ରରେ ଲେଖନୀ ଚାଳନା କରିବା ସହିତ ଗୀତି କବିତା ରଚନା କ୍ଷେତ୍ରରେ ମଧ୍ୟ ସେ ଲେଖନୀ ଚାଳନା କରିଛନ୍ତି । ଗୀତି କବିତା ତାଙ୍କ ପ୍ରାଣର ବାଣୀ, ହୃଦୟବାର୍ତ୍ତାର ମୂର୍ତ୍ତ ସ୍ୱରୂପ । ତାଙ୍କର ଚାରିଗୋଟି ସମାଲୋଚନା ଗ୍ରନ୍ଥ, ଦୁଇଟି ଗୀତି କବିତା ପୁସ୍ତକ ଏବଂ ଗୋଟିଏ ଫିଚର ପୁସ୍ତକ ଅଦ୍ୟାବଧି ପ୍ରକାଶିତ । ଭାଷାର ଲାଳିତ୍ୟ, ଉପସ୍ଥାପନା ଶୈଳୀର ମହତ୍ତ୍ୱ ତାଙ୍କର ସୃଷ୍ଟି ସମ୍ଭାରରେ ଲକ୍ଷ୍ୟଣୀୟ । ଉଭୟ ଗଦ୍ୟ ଓ ପଦ୍ୟ କ୍ଷେତ୍ରରେ ତାଙ୍କର ସ୍ପର୍ଶକାତର ସ୍ରଷ୍ଟାମାନସ ପ୍ରତ୍ୟେକ ପାଠକକୁ ଆକୃଷ୍ଟ କରିଥାଏ । ସେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ପ୍ରାଧ୍ୟାପକ ଭାବରେ ଅବସ୍ଥାପିତ ହୋଇଛନ୍ତି । ଆଜି ଏଇ ଅବସରରେ ତାଙ୍କୁ ସାଦର ଅଭିନନ୍ଦନ ଜଣାଉଛି ।

ପ୍ରକାଶକ

Digitized by PPRACHIN, SOA